## ସଂକ୍ଷେପରେ

### ଆଜି ଝରିଗାଁରେ ଗଣଧାରଣା

ଝରିଗାଁ,୧।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ଜିଲାଭିତ୍ତିକ ନିଯୁକ୍ତି ଦାବିରେ ନବରଙ୍ଗପୁର ଜିଲାରେ ଗଣଧାରଣା ଓ ଜିଲା ବନ୍ଦ କରାଯିବ। ଏ ନେଇ ମଙ୍ଗଳବାର ଝରିଗାଁ ପଞ୍ଚାୟତ ସମିତି ସଭାଗୃହରେ ସଜନୀୟ ମିଳିତ ସଙ୍ଗଠନ ତତଫରୁ ପ୍ରସ୍ତୁତି ବୈଠକ କରାଯାଇଛି। ଏହି ଅବସରରେ ଜନଜାତି ସୁରକ୍ଷା ମଞ୍ଚ ସଭାପତି ଘନ ମାଝୀ, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ଭିକ୍ଷା ସରପଞ୍ଚ ଗୋମତୀ ବଞ୍ଜାରା, ବଣୁଆଗୁଡ଼ା ସରପଞ୍ଚ ଲକ୍ଷ୍ମୀ ପୂଜାରୀ, ଡଙ୍ଗରିଗୁଡା ସରପଞ୍ଚ ବାସନ୍ତୀ ନାୟକ, କୁଟ୍ରିଛାପର ସରପଞ୍ଚ ବୃନ୍ଦି ସାନ୍ତା, ପାଲିଆ ସରପଞ୍ଚ ରାଧା ସାନ୍ତା ପ୍ରମୁଖଙ୍କ ସହ ଶତାଧିକ ଶିକ୍ଷିତ ବେକାର ଯୁବତୀଯୁବକ ଯୋଗଦେଇଥିଲେ। ଚଳିତ ମାସ ୨ ଏବଂ ୩ ତାରିଖରେ ଝରିଗାଁ ବସ୍‌ଷ୍ଟାଣ୍ଡ ଛକରେ ଗଣଧାରଣା ଦିଆଯିବ ଏବଂ ଆସନ୍ତା ୪ତାରିଖରେ ଅବିଭକ୍ତ କୋରାପୁଟ ଜିଲାରେ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯିବ। ୬ତାରିଖରେ ଝରିଗାଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ନେଇ ଜନଜାତି ସୁରକ୍ଷା ମଞ୍ଚ ସଭାପତି ପ୍ରକାଶ କରିଛନ୍ତି।

### ସାଙ୍ଗ ନାମରେ ଚାଟିଂ କରି ଠକେଇ

ନବରଙ୍ଗପୁର, ୧।୧୦(ସଦାଶିବ ପ୍ରହରାଜ)

ସାଙ୍ଗ ନାମରେ ଚାଟିଂ କରି ୫୦ ହଜାର ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଛି। ଠକାମୀର ଶିକାର ହୋଇଛନ୍ତି ନବରଙ୍ଗପୁର ବାସିନ୍ଦା ଶେଖ ବାଜିରୁଦ୍ଦିନ। ଏନେ ଇ ସେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ସେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ସାଙ୍ଗ କୁଏତରେ ରହୁଛନ୍ତି। ସାଙ୍ଗ ନାମରେ ହ୍ୱାଟ୍‌ସଆପ୍‌ରେ ମେସେଜ୍ ଆସିଥିଲା। ସେ କୌଣସି ବିପଦରେ ପଡ଼ିଥିବା କହି ବାଜିରୁଦ୍ଦିନଙ୍କୁ ୫୦ ହଜାର ଟଙ୍କା ସହାୟତା ମାଗିଥିଲେ। ସାଙ୍ଗକୁ ସାହାର୍ଯ୍ୟ କରିବାକୁ ଯାଇ ସେ ଦେଇଥିବା ବ୍ୟାଙ୍କ ଏକାଉଣ୍ଟରେ ବାଜିରୁଦ୍ଦିନ ୫୦ ହଜାର ଟଙ୍କା ପଠାଇଥିଲେ। ପରେ ପୁଣି ୩୦ ହଜାର ଟଙ୍କା ମାଗିବାରୁ ବାଜିରୁଦ୍ଦିନଙ୍କ ସନ୍ଦେହ ହୋଇଥିଲା। ଏହାପରେ ସେ ତାଙ୍କ ସାଙ୍ଗ ଘରକୁ ଓ ସାଙ୍ଗକୁ ଫୋନ କରି ଜଣାଇଥିଲେ। ସାଙ୍ଗ ଟଙ୍କା ମାଗି ନ ଥିବା କହିବା ପରେ ବାଜିରୁଦ୍ଦିନ ଠକାମିର ଶିକାର ହୋଇଥିବା ଜାଣିଥିଲେ। ଏ ନେଇ ସେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି।

### ତପନ ପତି ଉମରକୋଟ ଥାନାଧିକାରୀ



ଉମରକୋଟ, ୧।୧୦(ସନ୍ତୋଷ ଶତପଥୀ)

ଉମରକୋଟ ଥାନାଧିକାରୀ ଭାବେ ତପନ କୁମାର ପତି କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ଝରିଗାଁ ଥାନାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଉମରକୋଟ ଥାନା ଆଇଆଇସି ଡମ୍ବରୁଧର ପ୍ରଧାନ ସୋମବାର ଚାକିରିରୁ ଅବସର ନେବା ପରେ ତପନ କୁମାର ପତି ମଙ୍ଗଳବାର ନୂତନ ଥାନାଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ସହରର ବୁଦ୍ଧିଜୀବୀଙ୍କୁ ନେଇ ଆୟୋଜିତ ଏକ ବୈଠକରେ ଉମରକୋଟ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବାକୁ ଚେଷ୍ଟା କରାଯିବା ସହ ଚୋରି ରୋକିବାକୁ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ନୂତନ ଥାନାଧିକାରୀ କହିଛନ୍ତି।

# 'ସମାଜକୁ ଶୃଙ୍ଖଳିତ କରିଥାନ୍ତି ବରିଷ୍ଠ ନାଗରିକ'

**ନବରଙ୍ଗପୁରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ**

ନବରଙ୍ଗପୁର,୧।୧୦(ସଦାଶିବ ପ୍ରହରାଜ)




ଅତିଥିମାନେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଶତାଧିକ ବରିଷ୍ଠ ନାଗରିକ, ବିଭିନ୍ନ ବିଭାଗୀୟ ପଦାଧିକାରୀଙ୍କୁ ନେଇ ପୂର୍ବାହ୍ନ ୯ଟା ୩୦ରେ ନବରଙ୍ଗପୁର ବ୍ଲକ୍‌ରୁ ଏକ ଶୋଭାଯାତ୍ରା ବାହାରି ସହର ମଧ୍ୟ ଦେଇ ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ପହଞ୍ଚିଥିଲା। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବୈଠକ ଗୃହରେ ସହରରେ ଥିବା ଦୁଇଟି ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘର ସଭାପତି ଏବଂ ସମ୍ପାଦକଙ୍କ ସହିତ ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ ପ୍ରଦୀପ ପ୍ରଜ୍ୱଳନକରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବରିଷ୍ଠ ନାଗରିକ ମିଶନାରି ସଂଘ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଭାପତିଭାବେ ଜିଲାପାଳ ଶୁଭଙ୍କର ମହାପାତ୍ର ଯୋଗଦେଇଥିଲେ। ବରିଷ୍ଠଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ଆଇନଗତ ସୁବିଧା ସମ୍ପର୍କରେ କହିଥିଲେ। ବରିଷ୍ଠମାନେ ସମାଜକୁ ନିଜର ଅଭିଜ୍ଞତା ଦ୍ୱାରା ପୁଷ୍ଟ ଓ ଶୃଙ୍ଖଳିତ କରିଥାନ୍ତି ବୋଲି ଜିଲାପାଳ କହିଥିଲେ।

ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ୮୦ ବର୍ଷରୁ ଉର୍ଦ୍ଧ୍ୱ ୨ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିଥିଲେ। ପୌରାଧ୍ୟକ୍ଷ ନାୟକ ସମାଜରେ ଶାନ୍ତି ଓ ସଦ୍‌ଭାବ ରଖିବାରେ ବରିଷ୍ଠଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି କହିଥିଲେ। ସିଡିଏମ୍‌ଓ ମଳୟ ତ୍ରିପାଠୀ ଉତ୍ତର ବୟସରେ ସ୍ୱାସ୍ଥ୍ୟର ଯତ୍ନ କିପରି ରଖିବେ ତା' ଉପରେ ବିଭିନ୍ନ ତଥ୍ୟ ଆଧାରିତ ବକ୍ତବ୍ୟ ରଖିଥିଲେ। ଉପଜିଲାପାଳ ମିଶ୍ର ବରିଷ୍ଠ ନାଗରିକ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନଗତ ସୁବିଧା ଉପରେ ଆଲୋଚନା କରିଥିଲେ। ହସଖୁସି ବର୍ତ୍ତମାନ ସମୟରେ ସର୍ବୋଚ୍ଚ ଔଷଧ ବୋଲି ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ କହିଥିଲେ। ବରିଷ୍ଠ ସଦସ୍ୟଙ୍କୁ ଯତ୍ନ ଓ ସମ୍ମାନ ଦେବାକୁ ଅତିରିକ୍ତ ଜିଲାପାଳ ନବୀନ ନାୟକ କହିଥିଲେ। ବରିଷ୍ଠ ନାଗରିକ ମାନେ ନିଜସ୍ୱ ରଚିତ ଗୀତ ଗାଇବା ସହ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସମସ୍ତ ବରିଷ୍ଠ ନାଗରିକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରାଯାଇଥିଲା। ସିଆର୍‌ପିଏଫ୍ ଓ ରିଜର୍ଭ ପୋଲିସ ପଦାଧିକାରୀ, ଯବାନ ଏହି ସଭାରେ ଯୋଗଦେଇଥିଲେ। ଡିଆଇପିଆର୍‌ଓ ମନୋଜ ବେହେରା, ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଧନୁର୍ଜୟ ରାଓ, ମିଥୁନ ତ୍ରିପାଠୀ, ଡିଡିଆର୍‌ଓ ବିଭୁଦତ୍ତ ସେଠୀ, ଜିଲା ଭିନ୍ନକ୍ଷମ ସଂଘ ସମ୍ପାଦକ ସୁଜିତ୍ ରଥଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ଦିବସରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ନବରଙ୍ଗପୁର,୧।୧୦(ସଦାଶିବ ପ୍ରହରାଜ)



ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ତେନ୍ତୁଳିଖୁଣ୍ଟି ନିର୍ମଳ ଆକାଶ ବୃଦ୍ଧାଶ୍ରମରେ ବରିଷ୍ଠ ନାଗରିକଙ୍କୁ ନେଇ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଉପରେ ଏକ ଆଇନ ସଚେତନତା ଶିବିର ଏବଂ ଏକ ସ୍ୱାସ୍ଥ୍ୟ ଶିବିର କରାଯାଇଛି। ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଡିଏଲ୍‌ଏସ୍‌ଏ ସଚିବ ସାଇ ଅଭିଜ୍ଞା ଗୋଛାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୟସ୍କ ବ୍ୟକ୍ତିଙ୍କ ପାଇଁ ଥିବା ବିଭିନ୍ନ ଅଧିକାର ତଥା ନାଲସା ଆଇନ ସେବା ବରିଷ୍ଠ ନାଗରିକ ସ୍କିମ୍-୨୦୧୬, ପିତାମାତା ଓ ବରିଷ୍ଠ ନାଗରିକମାନଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ କାର୍ଯ୍ୟ ୨୦୦୭, ବିଭିନ୍ନ ସରକାରୀ ସ୍କିମ୍ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଭାବେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଡ. ନବକିଶୋର ବେହେରା, ଡ. ଅମରେଶ ମହାନ୍ତି, ଡ. ସାମଲାଇ ପ୍ରସାଦ ପଣ୍ଡା ଏବଂ ଆଇନଜୀବୀ କିଶୋରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସମ୍ବିଧାନରେ ଥିବା ବିଭିନ୍ନ ଆଇନ ବିଷୟକୁ ନେଇ ଅତିଥିମାନେ ସଚେତନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଡିଏଲ୍‌ଏସ୍‌ଏ ଓ ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ଦାବି

ଚନ୍ଦାହାଣ୍ଡି, ୧।୧୦(ଦିଲ୍ଲୀପ ଦାଶ)



ବିଇଓ ଶୁଭେନ୍ କୁମାର ମଣ୍ଡଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ଚାକିରି ନିୟମିତ ଦାବିରେ ଚନ୍ଦାହାଣ୍ଡି ବ୍ଲକ୍ କନିଷ୍ଠ ଶିକ୍ଷକମାନେ ବିଇଓ ଶୁଭେନ୍ କୁମାର ମଣ୍ଡଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ୬ ବର୍ଷ ସେବା ଯୋଗାଇବା ପରେ ନିୟମିତ ହେବାର ବ୍ୟବସ୍ଥା ରହିଛି। ଏହାକୁ ଆଧାରକରି ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୧୧୦୧୮ / ତା ୦୪।୦୫।୨୪ ଅନୁଯାୟୀ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଡିଏଲ୍‌ସି ବସି ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚକରି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପଠାଇଥିଲେ। କିନ୍ତୁ ଏହା ଭିତରେ ୭ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗତ ଏପ୍ରିଲରୁ ଇପିଏଫ୍ ବନ୍ଦ ହୋଇଯାଇଛି। ଏହାଦ୍ୱାରା ୫୫୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଭାବିତ ହେଉଛନ୍ତି। ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେଇ କିପରି ଶୀଘ୍ର ସମାଧାନ କରିବାକୁ ବିଇଓଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଓଜେଟିଏ ଚନ୍ଦାହାଣ୍ଡି ଶାଖା ସଭାପତି ସାମନ୍ତ ପୂଜାରୀ, ସମ୍ପାଦକ ଭୀଷ୍ମ ଭୋଇ, ମୀନକେତନ ନାହାକ, ଚିନ୍ମୟ ବାଗ, ବିନୟ ପଟେଲଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଓଏଭି ପ୍ରତିଷ୍ଠା ଦିବସ

ପାପଡ଼ାହାଣ୍ଡି, ୧।୧୦(ସ୍ୱପ୍ନଜିତ ପଟ୍ଟନାୟକ)

ପାପଡ଼ାହାଣ୍ଡିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ମଙ୍ଗଳବାର ଡିଇଓ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନବରଙ୍ଗପୁର ଜିଲାର ପ୍ରତି ବ୍ଲକ୍‌ର ଆଦର୍ଶ ବିଦ୍ୟାଳୟରୁ କୃତୀ ଛାତ୍ରୀଛାତ୍ର ନିଜ ଗାଇଡ୍ ଶିକ୍ଷକମାନଙ୍କ ସହ ଆସି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳଦେବ ସାହୁ, ବିଇଓ ସମରେନ୍ଦ୍ର ଭୌମିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଦୁଲେଶ୍ୱର ଗେଜୋ ଧନ୍ୟବାଦ ଦେଇଥିଲେ।

### ବଜ୍ରପାତରେ ୩ ଗାଈ ମୃତ

ତେନ୍ତୁଳିଖୁଣ୍ଟି, ୧।୧୦(ଚିଦାନନ୍ଦ ସାହୁ)

ବଜ୍ରପାତରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପାତ୍ରପୁଟ ପଞ୍ଚାୟତ ଟିମନପୁର ଗ୍ରାମର ତ୍ରିନାଥ ହରିଜନଙ୍କ ୩ ଗାଈଙ୍କ ମୃତ୍ୟୁ ହୋଇଛି। ପ୍ରତିଦିନ ଭଳି ମଙ୍ଗଳବାର ମଧ୍ୟ ଗାଈ ଚରାଳି ଗ୍ରାମର ସମସ୍ତ ଗୋ ପାଳକଙ୍କ ଗାଈ ନିକଟସ୍ଥ ଗ୍ରାମ ଗୁଡ଼ରାର କାଜୁ ବାଡ଼କୁ ନେଇଥିଲେ। କିନ୍ତୁ ଅପରାହ୍ନରେ ହଠାତ୍ ବିଜୁଳି ଓ ଘଡ଼ଘଡ଼ି ମାରିଥିଲା। ଏଥିରେ ୩ ଗାଈଙ୍କ ମୃତ୍ୟୁ ହୋଇଛି। ସରକାରୀ ନିୟମ ପ୍ରକାରେ ତ୍ରିନାଥଙ୍କୁ କ୍ଷତିପୂରଣ ଦେବାକୁ ସମିତି ସଭ୍ୟ ଦିଲୀପ ପ୍ରଧାନୀ ଦାବି କରିଛନ୍ତି।

## ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ ସମିତି ସଭ୍ୟା, ସଭ୍ୟ**

କୋରୁକୋଣ୍ଡା,୧।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡିଙ୍କ ନାମରେ ପଞ୍ଚାୟତ ସମିତି ଅଧୀନରେ ଥିବା ୧୧ ଜଣଙ୍କ ମଧ୍ୟରୁ ୧୦ ସଭ୍ୟାସଭ୍ୟ ସୋମବାର ମାଲକାନଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଆବେଦନ କରିଛନ୍ତି। ଅଧ୍ୟକ୍ଷଙ୍କ ବିରୋଧରେ ପୂର୍ବରୁ ବିଡିଓଙ୍କୁ ଅଭିଯୋଗପତ୍ର ଦେବାସହିତ ମାସିକ ବୈଠକ ବର୍ଜନ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଯାହାକି ପୂର୍ବ ଦିନମାନଙ୍କରେ ଅଧ୍ୟକ୍ଷ ବିଭିନ୍ନ ସମୟରେ ସମିତି ସଭ୍ୟାସଭ୍ୟଙ୍କୁ ଅଣଦେଖା କରିବା ସହିତ ପଞ୍ଚାୟତ ସମିତିର ଉନ୍ନୟନ କାର୍ଯ୍ୟଖସଡା ପ୍ରସ୍ତୁତ ସମୟରେ ସଭ୍ୟାସଭ୍ୟଙ୍କୁ ଅବଗତ କରାଉନ ଥିଲେ। ସେହିପରି ପଞ୍ଚାୟତ ସମିତି କୌଣସି ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଜାଣିବାକୁ ଚାହିଁଲେ ଦୁର୍ବ୍ୟବହାର କରିବା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ପାଖ ଲୋକଙ୍କୁ ବିକ୍ରି କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହିସବୁ ଅସୁବିଧା ନେଇ ଅଭିଯୋଗ କରିଥିଲେ ମଧ୍ୟ ଆମେ କୌଣସି ସୁଫଳ ପାଇନଥିବାରୁ ଗତ ୨୭ତାରିଖରେ ସମିତି ବୈଠକ ବର୍ଜନ କରିବା ସହିତ ଅନୁପସ୍ଥିତ ରହିଥିଲୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରେ ତୁମୁଷାପଲ୍ଲି ସମିତି ସଭ୍ୟ ଭୀମା ପଡିଆମୀ, କୋରୁକୋଣ୍ଡା ସମିତି ସଭ୍ୟା ସବିତା ସୋଡି, ନାକାମାମୁଡିର ଲକ୍ଷ୍ମୀ ଖିଲ, ମାରିୱାଡା ସମିତିସଭ୍ୟ ଇର୍ମା ମାଡି, ସୋମନାଥପୁରର ଲଇଚନ ସିଶା, ତର୍ଲାକୋଟା ସମିତିସଭ୍ୟ ପର୍ଶୁରାମ ଖେମୁଡୁ, ପୁରୁଣା ଚିମିଟାପଲ୍ଲିର ମଦନ ପାମିଆ, କାମୱାଡାର ରଣା ମଡକାମୀ, ନୀଳାକାମ୍ବେରୁ ସମିତିସଭ୍ୟ ପଡିଆ ସୋଡି ଏବଂ କୋରୁକୋଣ୍ଡା ପଞ୍ଚାୟ ସମିତି ଉପାଧ୍ୟକ୍ଷ ମାନସିକ ପଡିଆମୀ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କ ଲୋକକଳା ପ୍ରଦର୍ଶନ

**ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

କୋରୁକୋଣ୍ଡା,୧।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ସଦରରେ ଥିବା କେନ୍ଦ୍ରାଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶିବା ପ୍ରସାଦ ସରକାରଙ୍କ ସଭାପତିତ୍ୱରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରି, ମୁଖ୍ୟବକ୍ତା ଜିଲା ଶିକ୍ଷକ ସଂଘ ସଭାପତି ନୀଳକଣ୍ଠ ବେହେରା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଏବିଓ ମାଡା ମଡକାମୀ ଏବଂ ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ। ସମସ୍ତ ଅତିଥିମାନେ ଲୋକକଳାକୁ କିପରି ଆଗକୁ ଆଣିବା ଏବଂ ଜିଲା ବହାରେ ଏହାକୁ ପ୍ରଦର୍ଶନ କରି ବଞ୍ଚାଇ ରଖିବା ସେନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ୧୪ ବିଦ୍ୟାଳୟର ୧୬୦ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନୀ କରିଥିଲେ। ଶେଷରେ ବିଭିନ୍ନ ପଞ୍ଚାୟତସ୍ତରରେ ହୋଇଥିବା କାର୍ଯ୍ୟକ୍ରମରେ ୭ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ୩ ଭାଗରେ ବିଭକ୍ତକରି, ସର୍ବ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ଭାବେ ପୁରସ୍କୃତ କରାଯାଇଥିଲା।

ଛାତ୍ରୀଙ୍କୁ ନୀଳାକାମ୍ବେରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରି, ଚିତାପାରି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମକୃଷ୍ଣ ପାଢୀ, ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ସଭାପତି ଅରବିନ୍ଦ ଜେନା, ଡୁଡାମେଟା ସିଆର୍‌ସିସି ସତ୍ୟନାରାୟଣ ଦେ ଏବଂ ଏବିଓ ମାଡା ମାଡକାମୀଙ୍କ ଉପସ୍ଥିତିରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ହାତୀଆମ୍ବ ଆଶ୍ରମ ବିଦ୍ୟାଳୟ ଏବଂ ପେଟ୍ରେଲ ସେବାଶ୍ରମରୁ ଆସିଥିବା ଛାତ୍ରଛାତ୍ରୀ ଲୋକ କଳା ପଦର୍ଶନୀ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

## ସୁରଭି ଶିଶୁ ମହୋତ୍ସବ

କାଲିମେଳା,୧।୧୦
(ଜୀବନ କୃଷ୍ଣ ଦାସ)



ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରୀଛାତ୍ର।

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୁରଭି ଶିଶୁ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିମେସ ମଣ୍ଡଳ ଉଦଘାଟନ କରି କରିଥିଲେ। ବ୍ଲକ୍‌ର ୨୦୧ ଛାତ୍ରୀଛାତ୍ର ବିଭିନ୍ନି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପିଲାଙ୍କ ଲୁକ୍‌କାୟିତ ପ୍ରତିଭାକୁ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୱେଷଣ କରାଯାଉଛି। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି।

## ଡାବୁଗାଁରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ମହୋତ୍ସବ

ଡାବୁଗାଁ, ୧।୧୦(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ ମି., ୨୦୦ମି., ୪୦୦ ମି. ଓ ୧୫୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ଶଟ୍‌ପୁଟ୍, ଡିସ୍କସ୍ ଥ୍ରୋ ଆଦି ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ବିଭାଗରେ ଖେଳାଯାଇଛି। ଭଲିବଲ ପ୍ରତିଯୋଗିତାରେ ବରିଷ୍ଠ ବିଭାଗର ବାଳକମାନେ ଭାଗ ନେଇଥିଲେ। ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଭଲିବଲ ପ୍ରତିଯୋଗିତାରେ ଡାବୁଗାଁ ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟ ବିଜୟୀ ହୋଇଥିବା ବେଳେ ମେଦନା ସରକାରୀ ଉଚ୍ଚ ବିଦ୍ୟାଳୟ ଉପବିଜେତା ହୋଇଥିଲେ। ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବରେ ଭାଗନେବେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଉମରକୋଟ ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ମାଝି, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଡିଓ ଶରତ ମାଝି, ଏବିଇଓ ଭଗବାନ ମାଝି ଓ ସନ୍ତୋଷ କୁମାର ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି କ୍ରୀଡ଼ାକୁ ଖେଳ ଶିକ୍ଷକ ହେମନ୍ତ ସାମଲ, ବାସୁଦେବ ରଥ, ରଞ୍ଜନ ପରିଡ଼ା, ଉମାକାନ୍ତ ବିଶ୍ୱାଳ, ଅରୁଣ ନିହାଲ, ତ୍ରିନାଥ ବାରିକ, ପୁରୋହିତ ବାଘ, ନୀଳାମ୍ବର ସିଂ, ସୁକାନ୍ତି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ଏବିଇଓ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ହିତାଧିକାରୀଙ୍କ ଅଜାଣତରେ ଟଙ୍କା ହଡ଼ପ ଅଭିଯୋଗ

ନବରଙ୍ଗପୁର,୧।୧୦(ସଦାଶିବ ପ୍ରହରାଜ)



ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଡ କରିଦେବା ନାମରେ ବିଭିନ୍ନ ପ୍ରକାର ପ୍ରମାଣପତ୍ର ନେଇ ତାହାକୁ ବ୍ୟବହାର କରି ଲୋକଙ୍କ ଅଜଣାତରେ ଉମରକୋଟ ଓ ନବରଙ୍ଗପୁରର ଏକ ବ୍ୟାଙ୍କରେ ଖାତା ଖୋଲାଗଲା। ଉକ୍ତ ଆକାଉଣ୍ଟରେ ବିଭିନ୍ନ ସରକାରୀ ଯୋଜନାରେ ଅର୍ଥ ପଠାଇ ପୁଣି ସେହି ଟଙ୍କା ଉଠାଇ ନିଆଯାଉଥିବା ନେଇ ପାପଡ଼ାହାଣ୍ଡି ବ୍ଲକ ମାନିଗାଁ ଅଞ୍ଚଳର ଶତାଧିକ ବ୍ୟକ୍ତି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ୨୦୧୯ରୁ ଏବେ ଯାଏ ବ୍ୟାଙ୍କରେ ଏତାଦୃଶ୍ୟ କାର୍ଯ୍ୟ ଚାଲୁଥିଲେ ମଧ୍ୟ ସେମାନେ ସୁରାକ ପାଇନଥିଲେ ବୋଲି ପାପଡ଼ାହାଣ୍ଡି ବ୍ଲକ ମାନିଗାଁ, ବାଣୁଆଗୁଡ଼ା, କେନ୍ଦୁଗୁଡ଼ା, ମହେନ୍ଦ୍ରୀ, ମୁରୁଷାପାଲା, ନୂଆଗଡ଼, ମୁଡିଗୁଡ଼ା, ଘୁସୁରାବେଡ଼ା, ବିରିସୋଲା, ଦୟାଗୁଡ଼ା, କେନ୍ଦୁଗୁଡ଼ା, ରାଉଲିଗୁଡ଼ା, ବାଣୁଆଗୁଡ଼ା ଆଦି ଗ୍ରାମର ୨୫ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ଏହି ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାଳିଆ ଓ ପିଏମ୍ କିଷାନ ଯୋଜନାରେ ସେମାନଙ୍କୁ କୌଣସି ଅର୍ଥ ମିଳୁନଥିଲା। ସୁଭଦ୍ରା ଯୋଜନାରେ ଆବେଦନ ବେଳେ ତାଙ୍କ ବ୍ୟାଙ୍କ ଅକାଉଣ୍ଟ ଦେବାରୁ ଫର୍ମ ଅପ୍‌ଲୋଡ ନ ହେବାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନେ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଦନ୍ତ କରିବାରୁ ବ୍ୟାଙ୍କ ଅଫ୍ ବରୋଦା ଉମରକୋଟ ଓ ନବରଙ୍ଗପୁରରେ ତାଙ୍କ ନାମରେ ଖାତା ଖୋଲାଯାଇଥିବା ଜାଣିବାକୁ ପାଇଲେ। ବ୍ୟାଙ୍କ ନିକଟକୁ ଯାଇ ଅକାଉଣ୍ଟରୁ ତଥ୍ୟ ମାଗିବା ଗତ ୨୦୧୯ରୁ ଏବେ ଯାଏ ସେମାନଙ୍କ ଆକାଉଣ୍ଟକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍, କେନ୍ଦୁପତ୍ର ସହାୟତା ରାଶି, ପିଏମ୍ କିଷାନ, କାଳିଆ, ବାର୍ଦ୍ଧକ୍ୟ ଭତ୍ତା ଆଦି ଯୋଜନାରେ ସରକାରୀ ଅର୍ଥ ଯାଇଛି। ଏପରିକି ଏହି ଟଙ୍କା ଉଠାଯାଇଛି। ସେହିପରି ବହୁ ମହିଳାଙ୍କ ନାମରେ ସୁଭଦ୍ରା ଯୋଜନା ଆବେଦନ କରି ଟଙ୍କା ଉଠାଯାଇଥିବା ପ୍ରମାଣ ମିଳିଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆଦୌ ମାଟି କାମ ନ କରି ତାଙ୍କ ନାମରେ କିପରି ଭାବେ ଅର୍ଥ ଆସୁଥିଲା ଏବଂ ସେହି ମଜୁରୀ ଟଙ୍କା ବି ଉଠୁଥିଲା। ଏଥିସହ କୋଟିକୋଟି ଟଙ୍କା ଆର୍ଥିକ ଅନିୟମିତତା ହୋଇଥିବା ନେଇ ହିତାଧିକାରୀ ଜିଲାପାଳ, ଏସ୍‌ପି ଓ ଦୁର୍ନୀତିନିବାରଣ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ହିତାଧିକାରୀଙ୍କ ଟଙ୍କା ଫେରସ୍ତ କରିବା ସହ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୁନି ଜାନୀ, ଭରତ ଜାନୀ, ସୁବାଷ ଜାନୀ, କାନୁ ଚନ୍ଦ୍ର ଗୌଡ଼, ପୀତବାସ ଜାନୀ, ରମେଶ ସିଂ, ସଦା ଗୌଡ଼, ସନାଦି ଜାନୀ, ମଙ୍ଗେଇ ଜାନୀ, ପୁରବ ଗୌଡ଼, ସମରୀ ଗୌଡ଼, କମୁଲୁ ଜାନୀ, ଡମ୍ବୁ ଧାକଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଆଜି ବି ବହୁ ଅଞ୍ଚଳରେ ପହଞ୍ଚିପାରିନି ବିକାଶ

**ରାୟଗଡ଼ା ଜିଲା ଗଠନକୁ ୩୨ ବର୍ଷ ପୂରିଲା**

- ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରେ ଅବହେଳିତ
- ଜିଲାରେ ଆବଶ୍ୟକ ଡିଗ୍ରୀ କଲେଜ ହୋଇପାରିନି

ରାୟଗଡ଼ା,୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଗଠନ ହେବାର ୩୨ବର୍ଷ ପୂରଣକରି ୩୩ ବର୍ଷରେ ପଦାର୍ପଣ କରିଛି। ହେଲେ ଜିଲାର ଅନେକ ଉପାନ୍ତ ଅଞ୍ଚଳରେ ବିକାଶ ପହଞ୍ଚିପାରିନାହିଁ। ବିଶେଷକରି ୨ ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସଉରା ସମ୍ପ୍ରଦାୟ ଆଜି ବି ଅନେକ ସରକାରୀ ସୁବିଧାରୁ ବଞ୍ଚିତଥିବା ଅଭିଯୋଗ ହେଉଛି। ୧୯୯୨ ଅକ୍ଟୋବର ୨ ରେ ରାୟଗଡ଼ା ଜିଲା ଗଠନ ହୋଇଥିଲା। ଏତେଦିନ ପରେ ବି ବହୁ ଗ୍ରାମାଞ୍ଚଳ ରାଜସ୍ୱ ଗ୍ରାମର ମାନ୍ୟତା ପାଇନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ସମସ୍ୟା ଭଳି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ଅଛନ୍ତି।

ଖଣି କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧି ଲାଭ କରିଥିବା ଜିଲାର କାଶୀପୁର ବ୍ଲକ୍‌ରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଅଧାପନ୍ତରିଆ ଭାବେ ରହିଛି । ସେହିଭଳି ବହୁ ଗ୍ରାମକୁ ଗମନାଗମନା ସୁଗମ ହୋଇପାରିନାହିଁ । ଆଜି ବି ଗର୍ଭବତୀ ଖଟିଆରେ ବୁହାହୋଇ ମେଡିକାଲକୁ ଯାଉଛନ୍ତି। ସେହିପରି ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆବଶ୍ୟକ ଡାକ୍ତର ପଦବୀ, ଟେକ୍ନିସିଆନ, ଷ୍ଟାଫ୍ ନର୍ସ ପଦବୀ ଖାଲି ପଡ଼ିଥିବାରୁ ଲୋକେ ବହୁ ହଇରାଣ ହେଉଛନ୍ତି । ସେହିଭଳି ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ସେଭଳି କିଛି ବିକାଶ ହୋଇପାରିନାହିଁ । ୩୨ ବର୍ଷ ମଧ୍ୟରେ କେବଳ ରାୟଗଡ଼ା ବ୍ଲକ ଅଧୀନ ଅମଲାଭଟ୍ଟାଠାରେ ମଡେଲ ଡିଗ୍ରୀ କଲେଜ ରହିଛି । ଗତବର୍ଷ କାଶୀପୁରସ୍ଥିତ ମାଣିକେଶ୍ୱରୀ ଆଦିବାସୀ କଲେଜକୁ ତତ୍କାଳୀନ ରାଜ୍ୟ ସରକାର ଡିଗ୍ରୀ କଲେଜ ଘୋଷଣା କରିଥିଲେ । ଚଳିତ ଶିକ୍ଷାବର୍ଷରେ ଏହା ଆରମ୍ଭ ହୋଇଛି । ଏହାବ୍ୟତୀତ ଜିଲାରେ ଗୋଟିଏ ମଧ୍ୟ ନୂତନ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଖୋଲିନାହିଁ । ଏ ନେଇ ଅବସରପ୍ରାପ୍ତ ଅଧ୍ୟାପକ ଡ. ଦୁଷ୍ମନ୍ତ କୁମାର ମହାନ୍ତି କହିଛନ୍ତି, ଟ୍ରାଇବାଲ ସବ୍‌ପ୍ଲାନ୍ ଅଧୀନରେ ୧୯୮୯ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ରାୟଗଡ଼ା ଓ ଗୁଣପୁରଠାରେ ଦୁଇଟି ସରକାରୀ ମହାବିଦ୍ୟାଳୟ ନିର୍ମାଣ ପାଇଁ ଘୋଷଣା କରିଥିଲେ । କିନ୍ତୁ ପରବର୍ତ୍ତୀ ସରକାରରେ ତାହା ଆଉ କାର୍ଯ୍ୟକାରୀ ହେଲା ନାହିଁ । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ରାୟଗଡ଼ାସ୍ଥିତ ବେସରକାରୀ ଅନୁଦାନପ୍ରାପ୍ତ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଏବଂ ଗୁଣପୁରସ୍ଥିତ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜକୁ ସରକାରୀ ସ୍ୱୀକୃତି ଦେବା ସହ ଅଧିକ କିଛି ସରକାରୀ ଡିଗ୍ରୀ କଲେଜ ଖୋଲିଲେ ଅଞ୍ଚଳର ଯୁବପିଢ଼ି ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ। ସେହିଭଳି ଜିଲାରେ ୭ଟି ସରକାରୀ ହାଇସ୍କୁଲକୁ ଉନ୍ନୀତକରି ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରଦାନ ପାଇଁ ଯୁକ୍ତ ୨ ଶ୍ରେଣୀ ଖୋଲାଯାଇଥିଲେ ମଧ୍ୟ ସ୍ଥାୟୀ ଅଧ୍ୟାପକ ନାହାନ୍ତି କିମ୍ବା ଭିତ୍ତିଭୂମି ବିକାଶ ହୋଇନାହିଁ। ଜିଲାରେ ଆବଶ୍ୟକ ବିକାଶ ହୋଇ ନ ଥିବା ପ୍ରସଙ୍ଗରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ଜିଲାରେ ଯାହା ବିକାଶ ହୋଇଥିଲା ୧୯୮୦ ଏବଂ ପରେ କଂଗ୍ରେସ ସରକାର ସମୟରେ ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଶିକ୍ଷାମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ରାସ୍ତା, ସ୍ୱାସ୍ଥ୍ୟର ବିକାଶ ହୋଇଥିଲା । ରାଜ୍ୟରେ ବିଜେଡି ସରକାର ଆସିବା ପରେ ସମସ୍ତ ବିକାଶ କେବଳ ପ୍ରତିଶ୍ରୁତି ଓ ଘୋଷଣାରେ ସୀମିତ ରହିଗଲା । ପ୍ରତ୍ୟେକ ଜିଲାରେ ବିଭିନ୍ନ ବ୍ଲକ୍‌ରେ ମଡେଲ ଡିଗ୍ରୀ କଲେଜ ପ୍ରତିଶ୍ରୁତି ମିଳିଥିଲା ହେଲେ ହୋଇପାରିଲା ନାହିଁ ବୋଲି କହିଛନ୍ତି ସପ୍ତଗିରି । ଅନ୍ୟପଟେ ଏ ନେଇ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ କହିଛନ୍ତି, ଏବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହୋଇଛି । ପୂର୍ବରୁ କଂଗ୍ରେସ ଓ ପରେ ବିଜେଡି ସରକାର ୨୪ ବର୍ଷ ରହିଥିବା ବେଳେ ଯାହା ବିକାଶ ହୋଇନାହିଁ ସେସବୁ ମୋଦି ଓ ମୋହନ ସରକାର ସମୟରେ କାର୍ଯ୍ୟରେ ପରିଣତ ହେବ ବୋଲି କହିଛନ୍ତି ପଟ୍ଟନାୟକ ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ଗୁଡାରି,୧।୧୦ (ପ୍ରମୋଦ କୁମାର ପତି )

ଗୁଡ଼ାରି ବ୍ଲକ ପକ୍ଷରୁ ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଅନୀଷା ଦାସ, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା ଓ ସହକାରୀ ଯନ୍ତ୍ରୀ ସସ୍ମିତା ଶବର ମଞ୍ଚାସୀନ ଥିଲେ। ସକାଳେ ବୟସ୍କ ବ୍ୟକ୍ତିଙ୍କୁ ନେଇ ସାମୂହିକ ଯୋଗ କରାଯାଇଥିଲା। ଏହି ଅବସରରେ ସହରସ୍ଥିତ ବରିଷ୍ଠ ନାଗରିକ କାଞ୍ଚି ସାଇରାମଙ୍କୁ ଉତ୍ତମ ସେବା ପାଇଁ ଉପଢୌକନ ପ୍ରଦାନକରି ସମ୍ମାନିତ କରାଯାଇଥିଲା। ଡାକ୍ତରୀ ଟିମ୍ ଉପସ୍ଥିତ ରହି ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହା ବ୍ୟତୀତ ନୂତନ ଭାବେ ଯୋଡ଼ ହୋଇଥିବା ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିସି କ୍ରାନ୍ତି ପାଢ଼ୀ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ କାଞ୍ଚି ସାଇରାମଙ୍କୁ ସମ୍ମାନିତ କରାଯାଉଛି।

# ସକ୍ଷମ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ପଦ୍ମପୁର, ୧।୧୦(ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ଜୁମୁରୁଗୁଡ଼ା-୨ କେନ୍ଦ୍ର ସକ୍ଷମ ଅଙ୍ଗନୱାଡି କେନ୍ଦ୍ର ରୂପେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ସରପଞ୍ଚ କୋଣ୍ଡାଗିରି ପ୍ରକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉ-ଜୁମୁରୁଗୁଡାର ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ବରିଷ୍ଠ ସହକାରୀ ଶିକ୍ଷକ ହୃଷୀକେଶ ପରିଡ଼ା ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁପରଭାଇଜର ସାବିତ୍ରୀ ନାୟକ , ସନ୍ଧ୍ୟାରାଣୀ ଦାସ, ଶୈଳବାଳା କାଡ୍ରାକା, ଉର୍ମିଳା ରତ୍ନାଲୁ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ । ପରେ ଅଙ୍ଗନୱାଡି କର୍ମୀ ପ୍ରମିଳା ପାଢ଼ୀ, ପ୍ରଭାସିନୀ ପଣ୍ଡା, ହର ବିଳାସିନୀ ସାହୁ , ସହାୟିକା ମଞ୍ଜୁଳା ପାଢ଼ୀ, ସନ୍ଧ୍ୟାରାଣୀ ସାହୁ, ଉର୍ମିଳା ନିଶିକା ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯାଞ୍ଚ କମିଟି ସଦସ୍ୟ ଶ୍ରୀବତ୍ସ କୈବର୍ତ୍ତ ଓ ମାତୃମଙ୍ଗଳ କମିଟି ସଭାପତି କୁନି ସାହୁଙ୍କ ସହ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଆର୍. ଆରତୀ, ରେଣୁବାଳା ଓ ବନିତା ନାୟକଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ

**ସଞ୍ଜୀବନୀ ମୋବାଇଲ ମେଡିକାଲ ସୁବିଧା ଉଦ୍‌ଘାଟିତ**



ଜିଲାପାଳ ପାରୁଲ ପଟୱାରି ପତାକା ଦେଖାଇ ସଞ୍ଜୀବନୀ କ୍ଲିନିକ୍ ଅନ୍ ହ୍ୱିଲ ଭ୍ୟାନ୍‌ର ଶୁଭାରମ୍ଭ କରୁଛନ୍ତି ।

ରାୟଗଡ଼ା,୧।୧୦(ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର ଅପହଞ୍ଚ ଅଞ୍ଚଳରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି 'ସଞ୍ଜୀବନୀ କ୍ଲିନିକ୍ ଅନ୍ ହ୍ୱିଲ୍' । ଜିଲାପାଳ ପାରୁଲ ପଟୱାରି ଏହାକୁ ଉଦ୍‌ଘାଟନ କରିଛନ୍ତି। ହିନ୍ଦୁସ୍ଥାନ ଲାଟେକ୍ସ ଫ୍ୟାମିଲି ପ୍ଲାନିଂ, ପ୍ରମୋସନାଲ ଟ୍ରଷ୍ଟ ଏବଂ ଷ୍ଟେଟ ବ୍ୟାଙ୍କ ଫାଉଣ୍ଡେଶନର ସିଏସ୍‌ଆର ବିଭାଗର ଏକ ମିଳିତ ପ୍ରୟାସରେ ଏହା ଆରମ୍ଭ ହୋଇଛି। 'ସଞ୍ଜୀବନୀ କ୍ଲିନିକ୍ ଅନ୍ ହ୍ୱିଲ' ଭାବରେ ନାମିତ ଏହି ମୋବାଇଲ ମେଡିକାଲରେ ରକ୍ତ ପରୀକ୍ଷା, ଇସିଜି, ଡାଇବେଟିସ୍ ସ୍କ୍ରିନିଂ ଏବଂ ଚକ୍ଷୁ ପରୀକ୍ଷା ଭଳି ଡାଇଗ୍ନୋଷ୍ଟିକ୍ ପ୍ରଦାନ କରାଯିବ। ଏହି ସେବାଗୁଡ଼ିକ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାକୁ ସିଧାସଳଖ ବାସିନ୍ଦାଙ୍କ ଘର ସମ୍ମୁଖରେ ପହଞ୍ଚାଇବା ପାଇଁ ଡିଜାଇନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କଲ୍ୟାଣସିଂହପୁର ବ୍ଲକର ପାରସାଲି ଏବଂ ମୁନିଗୁଡା ବ୍ଲକ୍‌ର ରଘୁବାରି ଅଞ୍ଚଳରେ ୧୧ ଦିନ ଧରି ମୋବାଇଲ କ୍ଲିନିକ୍ କାର୍ଯ୍ୟ କରିବ। ଜିଲାପାଳ ପାରୁଲ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ମୋବାଇଲ୍ କ୍ଲିନିକ୍ ସେବା ଆରମ୍ଭ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ରାଜେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ମୁନିଗୁଡ଼ା,୧।୧୦ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିରାଟ କିଶୋର ପଣ୍ଡା ଓ ଅଧ୍ୟାପକ ଅସିତ ମହାନ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ରାୟଗଡ଼ା ରକ୍ତଭଣ୍ଡାର ଡାକ୍ତର ଗୌତମ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ସ୍ତମ୍ଭକାର ମନୋରଞ୍ଜନ ଦଳାଇ,ପ୍ରେସ୍ କ୍ଲବ୍ ସଭାପତି ରାଜୀବଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ରାୟଗଡା ରକ୍ତ କେନ୍ଦ୍ରର ଡାକ୍ତର ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅସିତ ମହାନ୍ତି ପ୍ରଥମେ ରକ୍ତଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଶିବିରରୁ ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଉକ୍ତ ଶିବିରରେ ରକ୍ତ କେନ୍ଦ୍ରର ଲାବ୍ ଟେକ୍ନିସିଆନ ସରୋଜ ଆଚାର୍ଯ୍ୟ, ବାଡ଼ି କିଶୋର କୁମାର, ଉମାକାନ୍ତ ମିଶ୍ର, ଶଙ୍କର ତାଡିଙ୍ଗି, ଶିବାଜୀ ବିଶୋଇ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ମହାବିଦ୍ୟାଳୟର ରେଡ୍‌କ୍ରସ୍ ୟୁନିଟ୍‌ର ଅଧ୍ୟାପକ ଗୋଲକ ଚନ୍ଦ୍ର ସ୍ୱାଇଁ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବିଶ୍ୱନାଥ ନାୟକ,ଅଫିସ ଆସିଷ୍ଟାଣ୍ଟ ରାମଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।


ଛାତ୍ରଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

# ଧାରଣାରେ ବସିଲେ ଯୁବତୀ ଯୁବକ

**କନିଷ୍ଠ ଶିକ୍ଷକ ନିଯୁକ୍ତି ଜିଲାସ୍ତରୀୟ କରିବାକୁ ଦାବି**

ରାୟଗଡ଼ା,୧।୧୦(ଆଶିଷ ରଞ୍ଜନ ପଣ୍ଡା)

ତୃତୀୟ ଓ ଚତୁର୍ଥ ଶ୍ରେଣୀ ଏବଂ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ଜିଲାସ୍ତରୀୟ ଚୟନ କରାଯିବା ସହ ଜିଲାର ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଦାବି ହୋଇଛି। ମଙ୍ଗଳବାର ସ୍ଥାନୀୟ ଜିସିଡି ହାଇସ୍କୁଲଠାରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ସାର୍ଟିଫିକେଟ ଯାଞ୍ଚର ଦ୍ୱିତୀୟ ଦିନରେ ଯୁବନେତା ହରପ୍ରସାଦ ହେପୃକା ଓ ଭଗବାନ ମାଝିଙ୍କ ନେତୃତ୍ୱରେ ଜିଲାର ବେକାର ଯୁବକମାନେ ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । କନିଷ୍ଠ ଶିକ୍ଷକ ସମେତ ତୃତୀୟ ଓ ଚତୁର୍ଥ ଶ୍ରେଣୀ ନିଯୁକ୍ତି କ୍ଷେତ୍ରରେ ଜିଲାସ୍ତରରେ ଚୟନ ପ୍ରକ୍ରିୟା କରି ନିଯୁକ୍ତି ପ୍ରଦାନ କରାଯାଉ ବୋଲି ଯୁବନେତା ହେପୃକା ଦାବି କରିଥିଲେ। ଏହାଦ୍ୱାରା ଜିଲାରେ ଓଟିଇଟି, ଓଏସ୍‌ଟିଇଟି ଉତ୍ତୀର୍ଣ୍ଣ ସହିତ ସିଟି, ବିଏଡ୍ କରିଥିବା ସ୍ଥାନୀୟ ବେକାର ଯୁବତୀଯୁବକ ନିଜ ଜିଲାରେ ନିଯୁକ୍ତି ପାଇପାରିବେ । ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗକୁ ପ୍ରାଧାନ୍ୟ ଦେବା ଏବଂ ଜିଲାସ୍ତରୀୟ ନିଯୁକ୍ତି ପ୍ରକ୍ରିୟା କରିବାକୁ ଦାବି ହୋଇଛି । ଶାନ୍ତିପୂର୍ଣ୍ଣ ଧାରଣା ବେଳେ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ସେଠାକୁ ଆସି ହର ହେପୃକା ଓ ଅନ୍ୟମାନଙ୍କ ସହି ଆଲୋଚନା କରି ଏ ନେଇ ବିଭାଗକୁ ଅବଗତ କରାଇବେ ବୋଲି କହିଥିଲେ । ତେବେ ହର ହେପୃକା ଜିଲା ଶିକ୍ଷାଧିକାରୀ ନାୟକଙ୍କୁ ବର୍ତ୍ତମାନ ହୋଇଥିବା ଚୟନ ପ୍ରାର୍ଥୀଙ୍କ ସମସ୍ତ ତଥ୍ୟ ମାଗିବାରୁ ଏହା ପ୍ରଦାନ କରିବାକୁ ସେ ସହମତି ଜଣାଇଥିଲେ । ଏହି ଧାରଣାରେ ବହୁ ସଂଖ୍ୟାରେ ଯୁବକ ଉପସ୍ଥିତ ଥିଲେ । ଯଦି କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରାଯାଇ ଏହାକୁ ଜିଲାସ୍ତରୀୟ ଚୟନ ନ କରାଯାଏ ତେବେ ଏହି ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରାଯିବ ବୋଲି ଉପସ୍ଥିତ ଯୁବକମାନେ କହିଛନ୍ତି ।



ଜିସିଡି ହାଇସ୍କୁଲ ସମ୍ମୁଖରେ ଧାରଣାରେ ବସିଥିବା ଯୁବକମାନେ ।

# ତମାଖୁ ବିକ୍ରି ନିଷେଧ, ବିଭିନ୍ନ ଦୋକାନରେ ଚଢ଼ାଉ


ଦୋକାନରେ ଚଢ଼ାଉ କରାଯାଉଛି।

ଟିକିରି,୧।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ସଦରରେ ଥିବା ବିଭିନ୍ନ ଦୋକାନରେ ବେଆଇନ ଭାବେ ତମାଖୁ, ନିଶାଦ୍ରବ୍ୟ ବିକ୍ରୟ କରାଯାଉଥିବାବେଳେ ଖାଦ୍ୟ ସୁରକ୍ଷା, ଅବକାରୀ ଏବଂ କାଶୀପୁର ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ତମ୍ବାଖୁ ଜାତୀୟ ନିଶା ଦ୍ରବ୍ୟ ଚଢ଼ାଉ ସହ କଟକଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। କିଛି ଦୋକାନୀଙ୍କୁ ଜରିମାନା କରାଯାଇଥିବା ଜଣାପଡ଼ିଛି। ତମାଖୁ ବିକ୍ରୟକୁ ନିୟନ୍ତ୍ରଣ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି। ଚଢ଼ାଉ କାର୍ଯ୍ୟକ୍ରମରେ ରାୟଗଡା ଖାଦ୍ୟ ସୁରକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନ, କାଶୀପୁର ପୋଲିସ ସବ୍ ଇନସ୍ପେକ୍ଟର ବିକାଶ କୁମାର ପଟେଲ ଏବଂ ଅବକାରୀ ବିଭାଗ କର୍ମଚାରୀମାନେ ସାମିଲ ଥିଲେ।

# ୨୦ ଦିନ ହେବ ରାସ୍ତାରେ ସ୍କର୍ପିଓ, ବଢ଼ୁଛି ସନ୍ଦେହ

ରାୟଗଡ଼ା,୧।୧୦(ଆଶିଷ ରଞ୍ଜନ ପଣ୍ଡା)




ରାୟଗଡ଼ା ସହରର କୋରାପୁଟ ଛକରେ ଗତ ୨୦ ଦିନ ହେବ ଏକ ସ୍କର୍ପିଓ ଠିଆହୋଇଛି। ସିଜି -୨୦-ଜେ-୧୫୮୭ ନମ୍ବର ବିଶିଷ୍ଟ ଏହି ସ୍କର୍ପିଓ ୧୨ ତାରିଖରୁ ରାସ୍ତାକଡ଼ରେ ରଖାଯାଇଥିଲେ ମଧ୍ୟ କିଏ ଓ କାହିଁକି ଏହି ଗାଡ଼ି ପରିତ୍ୟକ୍ତ ଭାବେ ଛାଡ଼ିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଗାଡ଼ି ସମ୍ମୁଖରେ ନମ୍ବର ପ୍ଲେଟ୍ ଥିବା ବେଳେ ପଛରେ କିନ୍ତୁ ନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅଧିକ ସନ୍ଦେହ ସୃଷ୍ଟି ହୋଇଛି। ମଙ୍ଗଳବାର କେତେଜଣ ସ୍ଥାନୀୟ ବାସିନ୍ଦାଙ୍କ ନଜରକୁ ଆସିବା ପରେ ଏ ନେଇ ରାୟଗଡ଼ା ଟାଉନ ଥାନାକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅନୁସନ୍ଧାନ କରିଛି। ହେଲେ ଗାଡ଼ି ମାଲିକଙ୍କ ସମ୍ପର୍କରେ ସୂଚନା ମିଳିନାହିଁ। ଏହାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି ଟାଉନ ଥାନା ଆଇଆଇସି କେକେବିକେ କହଁର।

# ସଂସ୍କୃତ ମହାବିଦ୍ୟାଳୟର ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ

ମୁନିଗୁଡ଼ା,୧।୧୦(ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ନିକଟସ୍ଥ ହୁକୁମତୋଲାରେ ଥିବା ରାମେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ସଭାଗୃହ ପରିସରରେ ଉପଶାସ୍ତ୍ରୀ ଏବଂ ଶାସ୍ତ୍ରୀ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପତିଙ୍କ ସଭାପତିତ୍ୱ ଓ ଅଧ୍ୟାପକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ମନୋରଞ୍ଜନ ଦଳାଇ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପରେ ଅତିଥିମାନେ ସଂସ୍କୃତ, ସଂସ୍କୃତି ଓ ସଂସ୍କାରକୁ ନେଇ ସୃଷ୍ଟ ଏହି ମହାବିଦ୍ୟାଳୟର ଐତିହ୍ୟ ଓ ଗରିମା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିସହ ଦୈନନ୍ଦିନ ଜୀବନରେ ଶୃଙ୍ଖଳା, ସଂଯମ ଓ ସଂକଳ୍ପର ମନ ନେଇ ଆଗକୁ ବଢ଼ି ଉତ୍ତମ ମଣିଷ ହେବାକୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପତିଙ୍କ ସମେତ ଅଧ୍ୟାପକ କୃଷ୍ଣଚନ୍ଦ୍ର ମଲ୍ଲିକ, ପ୍ରଶାନ୍ତ କୁମାର ପାଣ୍ଡେ, ଉମ୍ବରୁଧର କୁସୁଲିଆ, ସ୍ନେହଲତା ଜେନା, ରିତୁ ପାଣ୍ଡେ, ଅନସୂୟା ସାମଲ, ଆଶାଲତା ସାମଲ, ଧନୁ କୁସୁଲିଆ ପ୍ରମୁଖ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ଜଣାଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଉମ୍ବରୁଧର କୁସୁଲିଆ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଛାତ୍ରଛାତ୍ରୀ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସୁବିଧା ଉପରେ ଆଲୋଚନା


ବୈଠକରେ ଅତିଥି ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସହ ଅନ୍ୟମାନେ ।


ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ବରିଷ୍ଠ ନାଗରିକଙ୍କୁ ସଚେତନ କରୁଛନ୍ତି।

ରାୟଗଡ଼ା,୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପରାମର୍ଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ଥାନୀୟ ମାତୃଶକ୍ତି ବରିଷ୍ଠ ନାଗରିକ ଗୃହଠାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସୁବିଧା ପାଇଁ ରହିଥିବା ବିଭିନ୍ନ ବିଷୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଚିବ ଆଚାର୍ଯ୍ୟ ନାଲସା ସ୍କିମ୍ ୨୦୧୬, ସିନିୟର ସିଟିଜେନ ଆକ୍ଟ ୨୦୦୭ ଓ ସରକାରଙ୍କ ତରଫରୁ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୀତାରାମ ପଣ୍ଡା, ମାତୃଶକ୍ତି ବରିଷ୍ଠ ନାଗରିକ ଗୃହର ନିର୍ଦ୍ଦେଶକ ରମେଶ ନାଏକ ଓ ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ଏମ୍.କ୍ରିଷ୍ଣା ରାଓ, ଏମ୍‌ଟିଏସ୍ କୃଷ୍ଣଚନ୍ଦ୍ର ମହାରଣା ଓ ସମସ୍ତ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

ସେହିଭଳି ରାୟଗଡ଼ା ବ୍ଲକ ପକ୍ଷରୁ ମଧ୍ୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ସକାଳ ୮ଟାରେ ବରିଷ୍ଠ ନାଗରିକଙ୍କ ପାଇଁ ଯୋଗାଭ୍ୟାସ କରାଯାଇଥିଲା। ପରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଡାକ୍ତର ସୁନୀଲ ମହାପାତ୍ର ଓ ତାଙ୍କ ଟିମ୍ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କୁ ମାଗଣା ଚିକିତ୍ସା ଏବଂ ଔଷଧ ପ୍ରଦାନ କରିଥିଲେ। ଏହାପରେ ସଦ୍‌ଭାବନା ଗୃହରେ ଏକ ସମ୍ମିଳନୀ ଆୟୋଜନ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ଡ. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସୁବିଧା ପାଇଁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଗଣେଶ୍ୱର ଭାରିମଲ, ଅବସରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଅବସରପ୍ରାପ୍ତ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସି.ବି.ଏନ୍. ମୂର୍ତ୍ତି, ଡା. ଲକ୍ଷ୍ମୀନାରାୟଣ ସାହୁ, ବିଡିଓ ଅମୂଲ୍ୟ କୁମାର ସାହୁ, ଏବିଡିଓ କାଳୁଚରଣ ନାୟକ, ଜିଲା ପରିଷଦ ସଭ୍ୟ ସନ୍ଧ୍ୟା ପୁଲାକା ଓ ପଦ୍ମାବତୀ ମାଣ୍ଡାଙ୍ଗି, ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାୟଗଡା ବ୍ଲକର ୪୫ ବୃଦ୍ଧାବୃଦ୍ଧଙ୍କୁ ନୂତନ ଭାବେ ଅନୁମୋଦନ ହୋଇଥିବା ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରାଯାଇଥିଲା ।

## ସଂକ୍ଷେପରେ

### ମଦ୍ୟପାନ କରି ଗାଡି ଚଲାଇ ଡ୍ରାଇଭର ଗିରଫ

ଜୟପୁର,୧।୧୦(ପବନ ପାଣିଗ୍ରାହୀ)

ମଦ୍ୟପାନ କରି ଟ୍ରକ ଚଲାଉ ଥିବା ଅଭିଯୋଗରେ ଡ୍ରାଇଭରଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିରୁପାକ୍ଷ ଦିପ। ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗାଁରେ ଗାଡି ଯାଞ୍ଚ ବେଳେ ଟ୍ରକ ଡ୍ରାଇଭରଙ୍କୁ ଧରିଥିଲା ପୋଲିସ। ଟ୍ରକ୍କୁ ଜବତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ସଫେଇ ମିତ୍ର ସୁରକ୍ଷା ଶିବିର ଓ ଟିକାକରଣ

ଜୟପୁର,୧।୧୦(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ହଲ୍‌ରେ ପୌରପାଳିକା ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଶିବିର ଓ ଟିକାକରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜଗଧାତ୍ରୀପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କର୍ମଚାରୀ ଉପସ୍ଥିତ ରହି ପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ସଫେଇ ମିତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଟିକାକରଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ମେଡିକାଲ ଅଫିସର ଅରୁଣ ପାଢ଼ୀ ଶିବିରର ତଦାରଖ କରିଥିଲେ।

### ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ଜୟପୁର,୧।୧୦(ପବନ ପାଣିଗ୍ରାହୀ)

ଜୟପୁର ସାଇ ନଗରସ୍ଥିତ ସିଟିଜେନ୍ ଭବନରେ ସିଟିଜେନ୍ କମିଟି ପକ୍ଷରୁ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉପଜିଲାପାଳ ଆକ୍କାବରମ ସସ୍ୟା ରେଡ୍ଡୀ,ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା,ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, କମିଟିର ମୀନକେତନ ଦାସ ଓ ସୁରେଶ ଦାସ ଉପସ୍ଥିତ ଥିଲେ। ଜୟପୁରର ୫ ବରିଷ୍ଠ ନାଗରିକ ଭୀମସେନ ଦଳେଇ, ବିମ୍ବରାଜ ରଥ, ଡା. ଏକଲବ୍ୟ ପାଣିଗ୍ରାହୀ, ପୁଷ୍ପବତୀ ମିଶ୍ର ଓ ଲକ୍ଷ୍ମୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସତ୍ୟବାନ ପଣ୍ଡା, ହରିହର କରସୁଧା ପଟ୍ଟନାୟକ,ମଦନ ମୋହନ ନାୟକ, ନୀଳାଞ୍ଚଳ ପ୍ରଧାନ, ରତ୍ନାକର ଚୌଧୁରୀ ଓ ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ବରିଷ୍ଠ ନାଗରିକ କଲ୍ୟାଣ ସଂଘ ଗଠିତ କରାଯାଇଛି।

### ୪ରେ କୋରାପୁଟ ବନ୍ଦ

ଜୟପୁର,୧।୧୦(ପବନ ପାଣିଗ୍ରାହୀ)

ଜିଲାଭିତ୍ତିକ ନିଯୁକ୍ତି ଦାବି ନେଇ ୪ ତାରିଖରେ ଜିଲା ଯୁବକଂଗ୍ରେସ ପକ୍ଷରୁ କୋରାପୁଟ ଜିଲା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଜୟପୁର ଆମ୍ବେଦକର ଛକସ୍ଥିତ ଏକ ପ୍ୟାଲେସ୍‌ରେ ସାମ୍ବାଦିକ ସମ୍ମିଳନୀକରି ମଙ୍ଗଳବାର ସୂଚନା ଦିଆଯାଇଛି। ରାଜ୍ୟ ସରକାର ଅବିଭକ୍ତ କୋରାପୁଟ ଜିଲା ସ୍ୱାଉସ ନିୟମ ଅନୁଯାୟୀ ୧୮୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଜ ନିଜ ଜିଲାକୁ ବଦଳି କରାଯାଇଥିବା ବେଳେ ଜିଲାଭିତ୍ତିକ ନିଯୁକ୍ତି ଦାବି ହୋଇଛି। ୪ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ ଯାଏ ଦୋକାନ, ବଜାର,ସ୍କୁଲ,କଲେଜ ଓ ଅଫିସ ସବୁ ବନ୍ଦ ରହିବ ବୋଲି ସୂଚନା ଦେବା ସହ ଏହାକୁ ସମସ୍ତେ ସମର୍ଥନ କରିବାକୁ ଯୁବ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି।

# ସ୍କୁଲ ଅର୍ଥ ହଡ଼ପ ଅଭିଯୋଗରେ ପ୍ରଧାନଶିକ୍ଷକଙ୍କୁ ତାଲା

ବୈପାରିଗୁଡ଼ା, ୧।୧୦(କଳ୍ପତରୁ ମହାନ୍ତି)



### ଥାନାରେ ଏତଲା ଦେଲେ ସହକାରୀ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଭାପତି

ବୈପାରିଗୁଡ଼ା ବ୍ଲକ୍ ଦଳପୁର ସରକାରୀ ହାଇସ୍କୁଲକୁ ଆସିଥିବା ସରକାରୀ ଅନୁଦାନ ପ୍ରଧାନ ଶିକ୍ଷକ ହଡ଼ପ ଚମ୍ପୁରୁ ମହାନନ୍ଦ କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସ୍କୁଲ ପରିଚାଳନା କମିଟି ସଭାପତି ରାଜେଶ ମହୁରିଆ ଅଭିଭାବକମାନଙ୍କ ସହ ମିଶି ପ୍ରଧାନ ଶିକ୍ଷକଙ୍କୁ ତାଲା ପକାଇଥିଲେ। ଏ ସମ୍ପର୍କରେ ଖବର ପାଇ ବିଇଓଙ୍କ ନିର୍ଦ୍ଦେଶ କ୍ରମେ ସିଆର୍‌ସିସି ଘଟଣାସ୍ଥଳକୁ ଯାଇ ତାଲା ଖୋଲିଥିଲେ। କିନ୍ତୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ମଙ୍ଗଳବାର ସନ୍ଧ୍ୟାରେ ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ ଓ କମିଟି ସଭାପତି ରାଜେଶ ମହୁରିଆ ପ୍ରଧାନ ଶିକ୍ଷକଙ୍କ ନାମରେ ବୈପାରିଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ ଥାନାରେ ଦେଇଥିବା ଏତଲା ଅନୁଯାୟୀ ପ୍ରଧାନ ଶିକ୍ଷକ ମହାନନ୍ଦ ଓ ତାଙ୍କ ନାମରେ ଥିବା ଯୁଗ୍ମ ଆକାଉଣ୍ଟକୁ ବିଦ୍ୟାଳୟ ଅନୁଦାନ ଟଙ୍କା ଆସିଥାଏ। ଅନୁଦାନ ଖର୍ଚ୍ଚ ହେବା ପରେ ଏହାର ୟୁସି ଡିଇଓଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଏ। ତେବେ ଚଳିତ ବର୍ଷ ତାଙ୍କ ଅଗୋଚରରେ ୟୁସିରେ ଜାଲ୍ ଦସ୍ତଖତ କରି ପ୍ରଧାନ ଶିକ୍ଷକ ଅଫିସରେ ଦାଖଲ କରିଥିବା ଏତଲାରେ ଉଲ୍ଲେଖ ରହିଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଥାନାରେ ଦେଇଥିବା ଏତଲା ଅନୁଯାୟୀ, ଚଳିତ ବର୍ଷ ବିଦ୍ୟାଳୟର ଉପକରଣ କ୍ରୟ ବାବଦକୁ ପ୍ରଥମ କିସ୍ତିରେ ୭୫ ହଜାର ଦ୍ୱିତୀୟ କିସ୍ତିରେ ୨୫ ହଜାର ଟଙ୍କା ଉଠାଯାଇଥିଲା। କିନ୍ତୁ ପରବର୍ତ୍ତୀ କାଳରେ ବିଦ୍ୟାଳୟର କୌଣସି ଉପକରଣ କିଣାଯାଇ ନ ଥିବାବେଳେ ପ୍ରଧାନ ଶିକ୍ଷକ ଏହାର ହିସାବ ଦେଇ ନ ଥିଲେ । ଏ ସମ୍ପର୍କରେ ପଚାରିଲେ ପ୍ରଧାନ ଶିକ୍ଷକ ଏହାକୁ ଏଡ଼ାଇ ଦେଉଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ମୋବାଇଲ ନଂ. ୮୦୧୮୬୭୧୬୨୩ରେ ଯୋଗାଯୋଗ କରିବାରୁ ସ୍କୁଲ ପରିଚାଳନା କମିଟିକୁ ସଭାପତି ପଚାରନ୍ତୁ ବୋଲି କହି ସେ ଫୋନ୍ କାଟିଦେଇଥିଲେ। ଏହାପରେ ବାରମ୍ବାର ତାଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇ ନ ଥିଲେ। ଏ ନେଇ ଥାନାଧିକାରୀ ପୁଷ୍ପାଞ୍ଜଳି ପ୍ରଧାନଙ୍କୁ ପଚାରିବାରୁ ବୁଧବାର ସ୍କୁଲକୁ ଯାଇ ତଦନ୍ତ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ୩ ଜୀବନ ନେଲାଣି ଡେଙ୍ଗୁ

ସୁନାବେଡା,୧।୧୦(କୃତ୍ତିବାସ ପ୍ରଧାନ)

### ପ୍ରତିକାର କରୁନି ପୌର ପ୍ରଶାସନ

ସୁନାବେଡ଼ା ପୌର ପରିଷଦର ବହୁ ୱାର୍ଡରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିଦିନ କେହି ନା କେହ ରୋଗୀ ଚିହ୍ନଟ ହେଉଛନ୍ତି। ପୌରାଞ୍ଚଳର ଡିପି କ୍ୟାମ୍ପ, କଳାହାଣ୍ଡି କଲୋନି,ଚର୍ଚ୍ଚ କଲୋନି ଏବଂ ପୁରୁଣା ସୁନାବେଡା ଅଞ୍ଚଳର ଏକାଧିକ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଗତ ୧୫ ଦିନ ମଧ୍ୟରେ ଡିପି କ୍ୟାମ୍ପ ଉପର ସାହିର ସୁସେନ କୁମାର ପଦାର(୬୩),ସବିତା ଦାସ (୪୫) ଏବଂ ଚର୍ଚ୍ଚ କଲୋନିର ବାବୁଲା ଖରା(୨୫)ଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଥିବା ବେଳେ ସେହି କ୍ୟାମ୍ପର ଦୁଇ ଭାଇ ରତନ କୁମାର ନାଥ ଏବଂ ଏବଂ ରାଣା ଦେବ ନାଥ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡିଛି ।

ଏବେବି ସେହି ଅଞ୍ଚଳର ପ୍ରାୟ ୧୦ ଉର୍ଦ୍ଧ୍ୱ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଗୋଟିଏ ପଟେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ସବୁ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ମଶା ଧୂଆଁ ଦିଆଯାଉ ନାହିଁ କିମ୍ବା ମଶାତେଲ ଠିକ୍ ଭାବେ ପକା ଯାଉନାହିଁ। ଅଳିଆ ବୁହା ଗାଡି ଆସୁ ନ ଥିବାରୁ ଆବର୍ଜନାରେ ଭର୍ତ୍ତି ରାସ୍ତାଘାଟ। ତେଣୁ ଏଭଳି ପରିସ୍ଥିତି ଉପୁଜିବା ସ୍ୱାଭାବିକ ବୋଲି ଲୋକେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ ଥିବା ବେଳେ ପୌର ପ୍ରଶାସନ କିପରି ଏହାର ପ୍ରତିକାର କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି ।

ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ରୋଶ୍‌ନି ଖେସ୍‌ଙ୍କୁ ପଚାରିବାରୁ ତାଙ୍କ ଜାଣିବାରେ ଜଣେ କିମ୍ବା ୨ ଜଣ ପଜିଟିଭ ରୋଗୀ ମେଡ଼ିକାଲ ଆସିଥିବେ। ତା'ଛଡା ସେମାନେ ବାହାର ଟେଷ୍ଟ ରିପୋର୍ଟ ଧରି ଆସୁଛନ୍ତି । ଯାହା ଆମର ଏଇଠି କନ୍‌ଫର୍ମ କରିବା ବ୍ୟବସ୍ଥା ନ ଥିବା କହିଛନ୍ତି। ସେ ସମସ୍ତ ରୋଗୀଙ୍କୁ ଚିକିତ୍ସା ନିମନ୍ତେ କୋରାପୁଟ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇ ଯାଇଥିବା କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ଡିପି କ୍ୟାମ୍ପ ,ଗଞ୍ଜାମ କଲୋନି ଆଦି ଅଞ୍ଚଳଗୁଡିକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଛି। ସେସବୁ ଅଞ୍ଚଳରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ପ୍ରତିଦିନ ମଶାଧୂଆଁ ଓ ତେଲ ପକାଯାଉଥିବା କହିଛନ୍ତି ।

# ଜିଲାରେ ୪ ହଜାର ହେକ୍ଟର ଜମିରେ କଫି ଛାୟା ବୃକ୍ଷ ଲଗାଯିବ

### କୋରାପୁଟରେ ଅନ୍ତର୍ଜାତୀୟ କଫି ଦିବସ




କୋରାପୁଟ,୧।୧୦(ଅମିତାଭ ବେହେରା)

କୋରାପୁଟ କଫି ବୋର୍ଡ ପରିସରରେ ମଙ୍ଗଳବାର ଅନ୍ତର୍ଜାତୀୟ କଫି ଦିବସ ପାଳିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ, କଫିଚାଷ ସମ୍ପର୍କରେ ଆମ ଭବିଷ୍ୟତ ପିଢ଼ିଙ୍କୁ ସଚେତନ କରାଇବା ଆବଶ୍ୟକ। ଯେପରି ସମସ୍ତ ଛାତ୍ରୀଛାତ୍ର ନିଜେ କଫି ପିଇବା ସହିତ ନିଜ ନିଜ ଘରବାଡ଼ିରେ ଗୋଟିଏ ଗୋଟିଏ କଫି ଗଛ ଲଗାଇବା ନିମନ୍ତେ ଜିଲାପାଳ ପରାମର୍ଶ ଦେଇଥିଲେ। ଆଗାମୀ ୩ ବର୍ଷରେ ଜିଲାରେ ୪ ହଜାର ହେକ୍ଟର ଜମିରେ ଛାୟା ବୃକ୍ଷ ଲଗାଯିବ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ଏଥିନେଇ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। କଫି ବୋର୍ଡ଼ ଦ୍ୱାରା କରାଯାଇଥିବା କଫି ବଗିଚା ପରିଦର୍ଶନ କରିବା ସହ ସ୍କୁଲ ପିଲାଙ୍କୁ ଜିଲାପାଳ କଫି ଚାରା ପ୍ରଦାନ କରିଥିଲେ। ଏହି ଅବସରରେ କଫିଚାଷୀଙ୍କୁ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କଫି ବୋର୍ଡର ବରିଷ୍ଠ ସମ୍ପର୍କ ଅଧିକାରୀ ଉପେନ୍ଦ୍ର କୁମାର ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଫି ଉନ୍ନୟନ ଟ୍ରଷ୍ଟର ଉପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସ୍ୱାଇଁ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଟିଡିସିସି ମାର୍କେଟିଂ ମ୍ୟାନେଜର ଆଶୁତୋଷ ନନ୍ଦ, ଓଡିଶା କଫି ଗ୍ରୋୟର ଆସୋସିଏଶନ ସଭାପତି ପି.କେ. ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। କୋରାପୁଟ ଜିଲାରେ ବର୍ତ୍ତମାନ ସରକାରୀ ଓ ବେସରକାରୀସ୍ତରରେ ପ୍ରାୟ ୪ ହଜାର ହେକ୍ଟର ଜମିରେ କଫି ଚାଷ କରାଯାଉଛି।

### ହରିହର ଶତପଥୀ ରାଜ୍ୟ ଉପଦେଷ୍ଟା ମନୋନୀତ

ଜୟପୁର,୧।୧୦(ପବନ ପାଣିଗ୍ରାହୀ)

ଭୁବନେଶ୍ୱର କଳିଙ୍ଗ ୟୁନିଭରସିଟିରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବାର୍ଷିକସାଧାରଣ ବୈଠକ ଓ ରାଜ୍ୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାର ଜୟପୁର ତହସିଲର ରାଜସ୍ୱ ପରିଦର୍ଶକ ହରିହର ଶତପଥୀ ରାଜ୍ୟ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ସ୍ଥାନୀୟ ପୁରୁଣା ତହସିଲ ପ୍ରାଙ୍ଗଣରେ ଜୟପୁରର ରାଜସ୍ୱ ପରିଦର୍ଶକ ଦିଲୀପ କୁମାର ପ୍ରଧାନ, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ଦାସ,ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ରାଜ୍ୟ ଉପଦେଷ୍ଟା ଶତପଥୀଙ୍କୁ ସ୍ୱାଗତ କରିଥିଲେ।

### ଭାସି ଯିବାବେଳେ ବୃଦ୍ଧାଙ୍କୁ ଉଦ୍ଧାର କଲେ ୨ ମହିଳା

ଦଶମନ୍ତପୁର, ୧।୧୦ (ଅରବିନ୍ଦ ନାୟକ)

ନଦୀ ସୁଅରେ ଭାସିଯାଉଥିବାବେଳେ ଜଣେ ବୃଦ୍ଧାଙ୍କୁ ୨ ଜଣ ମହିଳା ଉଦ୍ଧାର କରିଛନ୍ତି। ଏହାପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅଧୀନ ଶିଶପାସ ଗ୍ରାମର ଜୟ ମାଝୀଙ୍କ ସ୍ତ୍ରୀ ତିଳାଇ ମଙ୍ଗଳବାର ଭୋରରୁ ସକାଳୁ ଶୌଚ ହେବାକୁ ଯାଇଥିଲେ। କୌଣସି କାରଣରୁ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ସେ ନଦୀ ସୁଅରେ ଭାସି ଯାଇଥିଲେ। ତିଳାଇଙ୍କ ପାଟି ଶୁଣି ନଦୀ ତୁଠରେ ଥିବା ଦଇତା ସାହୁ ଓ ଅମ୍ବିକା ସାହୁ ପାଣିକୁ ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ସେମାନେ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଆମ୍ବୁଲାନ୍ସ ଡକାଇଥିଲେ। ଆମ୍ବୁଲାନ୍ସ ଗାଁ ଠାରୁ ପ୍ରାୟ ୩ କିମି ଦୂର କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିଲିଗୁମ୍ମା ପଞ୍ଚାୟତ ରହିଆମ୍ବ ଛକରେ ଅଟକି ଥିଲା। ଗ୍ରାମବାସୀ ଷ୍ଟ୍ରେଚରରେ ତିଳାଇଙ୍କୁ ରହିଆମ୍ବ ଛକ ପର୍ଯ୍ୟନ୍ତ ବୋହି ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚକିତ୍ସାଳୟକୁ ନିଆଯାଇଛି। ଗାଁ ଦେଇ ପ୍ରବାହିତ ହେଉଥିବା ପୋଡ଼ନଦୀରେ ଖୁବ୍‌ଶୀଘ୍ର ଏକ ପୋଲ ନିର୍ମାଣ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଶିକ୍ଷକ- ଅଭିଭାବକ ସମ୍ମିଳନୀରେ ଉପସ୍ଥାନକୁ ଗୁରୁତ୍ୱ



ଶିକ୍ଷକ- ଅଭିଭାବକ ସମ୍ମିଳନୀରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଉଛି।

ମାଥିଲି, ୧।୧୦(ସୁବାସ ଖୁଢ଼ୁପିଆ)

### ଗୋପବନ୍ଧୁ ମାଧ୍ୟମିକ ବିଦ୍ୟାଳୟ

ମାଲକାନଗିରି ଜିଲା ମାଥିଲି ସଦର ମହକୁମା ଗୋପବନ୍ଧୁ ମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ସୋମବାର ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ସ୍ମୃତିରଞ୍ଜନ ପାଢ଼ୀ, କଂଗ୍ରେସ ନେତା ଏମ୍‌ଡି ଆକବରଙ୍କ ସହ ୧୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଧାୟକ ଖିଲ ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ଜିଲାରେ ଶିକ୍ଷାର ବିକାଶ ପାଇଁ ସରକାର ସବୁପ୍ରକାର ବ୍ୟବସ୍ଥା କରିଥିଲା ବେଳେ ଅନେକ ଅଭିଭାବକ ନିଜର ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଉ ନ ଥିବା କିମ୍ବା ପାଠ ଅଧାରୁ ଛାଡ଼ି ଦେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଓଡ଼ିଶାରେ ଡ୍ରପ୍‌ଆଉଟ ସଂଖ୍ୟା ମାଲକାନଗିରି ଜିଲାରେ ଅଧିକ ଥିବା କହିବା ସହ ସେମାନଙ୍କ ମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ। ଅନ୍ୟ ସମ୍ପ୍ରଦାୟ ଶିକ୍ଷାର ମହତ୍ତ୍ୱ ବୁଝି ସେମାନଙ୍କ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିବାର ସୁଯୋଗଦେଇ ମଙ୍ଗଳବାର ସେମାନଙ୍କ ପିଲାମାନେ ନିଯୁକ୍ତି,ବ୍ୟବସାୟ ଏବଂ ଅର୍ଥ ଉପାର୍ଜନରେ ଆଗରେ ଅଛନ୍ତି। ଯଦି ଅଭିଭାବକମାନେ ସଚେତନ ନ ହେବେ ସେମାନଙ୍କର ପିଲାମାନେ ଶିକ୍ଷା କ୍ଷେତ୍ରରେ ପଛରେ ରହିଯାଇ ସେହି ପାରମ୍ପରିକ ନୀତିକୁ ଅନୁସରଣ କରିବେ। ଏଥିପାଇଁ ସମସ୍ତେ ଶିକ୍ଷା ପ୍ରତି ଆକୃଷ୍ଟହେବା ଉଚିତ । ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଷ୍ଠାପର ଭାବେ ନିଜର ଦାୟିତ୍ୱ ତୁଲାଇ ଛାତ୍ରୀଛାତ୍ରଙ୍କ ସଂଖ୍ୟା କିପରି ବୃଦ୍ଧି ପାଇବ ଏବଂ ଉତ୍ତମ ଶିକ୍ଷା ପାଇପାରିବେ ସେଥିପାଇଁ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ।

# ବିଧାୟକଙ୍କ ଗସ୍ତ ପରେ ବିଡିଓଙ୍କ ତଦନ୍ତ ନିର୍ଦ୍ଦେଶ

### ସିପାଇପୁଟ ସେବାଶ୍ରମ ବିଦ୍ୟାଳୟର ସ୍ଥିତି ବୁଝିଲେ ଡବ୍ଲ୍ୟୁଇଓ,ଏବିଇଓ

ପଟ୍ଟାଙ୍ଗି,୧।୧୦(ଶରତ ଧଳ)



କୋରାପୁଟ ଜିଲା ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ବିଧାୟକଙ୍କ ସିପାଇପୁଟ ସେବାଶ୍ରମ ବିଦ୍ୟାଳୟ ଅଚାନକ ଗସ୍ତ ପରେ ଏବିଇଓ ଏବଂ ସ୍ଥାନୀୟ ଡବ୍ଲ୍ୟୁଇଓ ପହଞ୍ଚି ତଦନ୍ତ କରିଛନ୍ତି। ବିଧାୟକ ରାମଚନ୍ଦ୍ର କାଡାମ ସେବାଶ୍ରମ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ କରିବାକୁ ଅଚାନକ ଗସ୍ତ କରିଥିଲେ। ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନାକରି ଫେରିବା ସମ୍ପର୍କିତ ଖବର ପ୍ରସାରଣର ୨୪ ଘଣ୍ଟା ପରେ ବିଡିଓ ସୁକୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଡବ୍ଲ୍ୟୁଇଓ ଅନିଲ ସେଠୀ ଓ ଏବିଇଓ ରଜନୀକାନ୍ତ ବଡ଼ନାୟକ ସେହି ସେବାଶ୍ରମ ବିଦ୍ୟାଳୟରେ ପହଞ୍ଚିଛନ୍ତି। ବିଧାୟକ କାଡାମଙ୍କ ଦୃଷ୍ଟିକୁ ଆସିଥିବା ବିଦ୍ୟାଳୟର ସମସ୍ୟା ଯଥା ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ,ଡାଇନିଂ ହଲ୍, ଶ୍ରେଣୀଗୃହ ଅନ୍ତେବାସୀଙ୍କ ପାଇଁ ରହିଥିବା ଆଶ୍ରମ ଗୃହ ଓ ପାନୀୟଜଳ ପ୍ରମୁଖ ଅବ୍ୟବସ୍ଥା ସମ୍ପର୍କରେ ୨ ଅଧିକାରୀ ଅନୁଧ୍ୟାନ କରିଛନ୍ତି। ଏ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିବା ସହ ବ୍ଲକ୍ ଓ ଜିଲା ପ୍ରଶାସନକୁ ପ୍ରଦାନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏଥିସହ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ୟା କିଛିଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରଧାନ ଶିକ୍ଷକ କନ୍ଧପାନଙ୍କୁ ଆଶ୍ୱାସନା ଦେଇଥିଲେ। ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଅଭିଯୋଗକୁ ସେମାନେ ଖଣ୍ଡନ କରିଛନ୍ତି। ସେମାନଙ୍କୁ ମଧ୍ୟାହ୍ନଭୋଜନରେ ବିଭିନ୍ନ ତରକାରି ଦିଆଯାଉଥିବା ଅଧିକାରୀଙ୍କୁ ଛାତ୍ରୀଛାତ୍ର କହିବା ସହ ପାନୀୟଜଳର ବ୍ୟବସ୍ଥାରେ ସୁଧାର ଆଣିବାକୁ ଅନୁରୋଧ କରିଥିଲେ। ଜିଲା ପରିଷଦ ସଭ୍ୟା ଟିକାଇ କେମଲ ବିଦ୍ୟାଳୟ ପରିଚାଳନା ସଭାପତି ବିଭୀଷଣ ଗଲୋରୀ ଏବଂ ଭଗବାନ ଗଲୋରୀ ଶିକ୍ଷକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କରିବା ବଦଳରେ ଅଭାବ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସ୍ଥାନ ପୂରଣ କରିବାକୁ ଡବ୍ଲ୍ୟୁଇଓ ଓ ଏବିଇଓଙ୍କୁ ଦାବି କରିଥିଲେ।

# ଭାରତର ପ୍ରତିନିଧିତ୍ୱ କରିବେ ରୋହିତ

### ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର

କୋରାପୁଟ,୧।୧୦(ଅମିତାଭ ବେହେରା)



ଅକ୍ଟୋବର ୪ରୁ ୧୩ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବାକୁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ମନୋନୀତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି। ପ୍ରତିଯୋଗିତାରେ ରୋହିତ ଭାଗନେବା ବିଶ୍ୱବିଦ୍ୟାଳୟ, ରାଜ୍ୟ ଓ ଦେଶ ପାଇଁ ଗର୍ବର ମୁହୂର୍ତ୍ତ। ରୋହିତଙ୍କ ପାଇଁ ଏହା କେବଳ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଓ ଆମ ବିଶ୍ୱବିଦ୍ୟାଳୟପାଇଁ ସମ୍ମାନ ଆଣିବାର ଏକ ସୁଯୋଗ। ସେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେବେ ଓ ଦେଶକୁ ପାଇଁ ଗୌରବ ଆଣିବେ ବୋଲି କୁଳପତି ତ୍ରିପାଠୀ କହିଛନ୍ତି।

ନିରୋଦା ନନ୍ଦ ପାତ୍ର ଓ ରମାଦେବୀଙ୍କ ପୁଅ ରୋହିତ ବର୍ତ୍ତମାନ କୋରାପୁଟ ମ୍ୟୁନିସିପାଲିଟି ଜିମ୍‌ରେ ପାୱାର ଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ସେ ପୂର୍ବରୁ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିସାରିଛନ୍ତି। ଆଗାମୀ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ସେ ସବ୍‌ଜୁନିୟର, ୧୨୦+ କେଜି ବର୍ଗରେ ଭାଗ ନେବେ। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୪ରୁ ୧୩ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ରାଜ୍ୟଗୋଷ୍ଠୀ ଏକ୍ୟୁପଡ୍ ଓ କ୍ଲାସିକ୍ ସବ୍ ଜୁନିୟର, ଜୁନିୟର ପାୱାର ଲିଫ୍ଟିଂ ଏବଂ ସୁସଜ୍ଜିତ ଓ କ୍ଲାସିକ୍ ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ କୋରାପୁଟ ଜିଲାର ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିୟନଶିପ୍, ମାଷ୍ଟର ୩, ୭୪ କେଜି ବର୍ଗ) ଏବଂ ରୋହିତ ପାତ୍ର (ସବ୍ ଜୁନିୟର, ୧୨୦+ କେଜି ବର୍ଗ) ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି।

# ଅଜଣା ଜ୍ୱରରେ ଆକ୍ରାନ୍ତ ଆଲି ଗାଁ ଲୋକେ

### ସ୍ଥିତି ପରଖିଲେ ସ୍ୱାସ୍ଥ୍ୟକର୍ମୀ

ସେମିଳିଗୁଡା,ସୁନାବେଡା,୧।୧୦
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)



ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିବା ସ୍ୱାସ୍ଥ୍ୟକର୍ମୀ।

ସେମିଳିଗୁଡା ବ୍ଲକ ପାକଝୋଲା ପଞ୍ଚାୟତର ଆଲି ଗାଁରେ ଅଜଣା ଜ୍ୱର ବ୍ୟାପିଛି। ୪୦ରୁ ଉର୍ଦ୍ଧ୍ୱ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଗତ କିଛି ଦିନ ହେବ ଗାଁର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକ ଜ୍ୱରରେ ପୀଡ଼ିତ ଅଛନ୍ତି ବୋଲି ଲୋକେ କହିଛନ୍ତି। ଖବର ପାଇ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ ଗାଁରେ ପହଞ୍ଚି ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମେଡିସିନ୍ ଦେଉଛନ୍ତି। ଆଶ୍ଚର୍ଯ୍ୟର କଥା ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଟିମ୍‌ରେ କୌଣସି ଡାକ୍ତର ନ ଥିବା ଦେଖିବାକୁ ମିଳିଛି। ଗାଁରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଏକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଥିବା ବେଳେ ସେଠାରେ କେବଳ କାଗଜ କଲମରେ ସ୍ଥାୟୀ ଡାକ୍ତର ରହିଥିବା ଓ କୌଣସି ଚିକିତ୍ସା କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଦୈନିକ ଖୋଲାଯାଇ ସେବା ଯୋଗାଇଥିଲେ ଏଭଳି ସ୍ଥିତି ଉପୁଜି ନଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ୫ ଜଣିଆ ଟିମ୍ ଓ ଏମଏଚୟୁ ମେରୀ ହଲ୍ଦାଙ୍କ ସହ ସିଏଚଓ,ଏଏନଏମ, ଆଶା ଓ ମୋବାଇଲ ହେଲଥ୍ ଟିମ୍‌ର ସ୍ୱାସ୍ଥ୍ୟ କର୍ମୀମାନେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ମଙ୍ଗଳବାର ଅପରାହ୍ଣ ୩ଟା ସୁଦ୍ଧା ଗାଁର ୧୪ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଛି। ସେଥିରୁ ମାତ୍ର ୪ ଜଣଙ୍କ ଜ୍ୱର ବାହାରିଥିବା ଜଣାପଡିଛି। ଅନ୍ୟ କେତେକ ଚର୍ମରୋଗ,କୁଣ୍ଡିଆ,ନେଲ ଇଞ୍ଜୁରୀ ଓ ଆଣ୍ଠୁ ଗଣ୍ଠି ବ୍ୟଥା ଭଳି ରୋଗୀ ରହିଥିବା ସୂଚନା ମିଳିଛି।

ଏ ସମ୍ପର୍କରେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରଙ୍କୁ ପଚାରିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ଯାହା କୁହାଯାଉଛି ତାହା ଭୁଲ। ଗାଁର ମାତ୍ର ୪-୫ ଜଣଙ୍କୁ ଜ୍ୱର ଚିହ୍ନଟ କରାଯାଇଛି। ସେମିତି କୌଣସି ଖରାପ ସ୍ଥିତି ନ ଥିବାରୁ ଡାକ୍ତରୀ ଦଳର ଆବଶ୍ୟକ ନାହିଁ ବୋଲି କହିଛନ୍ତି। ଆମର ଅଭିଜ୍ଞ ମେଡିକାଲ ଟିମ୍ ଘରକୁ ଘର ବୁଲି ମ୍ୟାଲେରିଆ ପରୀକ୍ଷା କରୁଥିବା ବେଳେ ସିଏଚ୍‌ଓଙ୍କ ଏ ସବୁ ପରୀକ୍ଷା କରିବା ଅଭିଜ୍ଞତା ରହିଛି ବୋଲି ଡାକ୍ତର କହିଛନ୍ତି।

